# ପୂଜା ମଣ୍ଡପରେ ମା' ଦୁର୍ଗା


ଇଟାମାଟି ବଜାର


ଦଶପଲ୍ଲା


ଓଡଗାଁ


ଗୋଡ଼ିପଡା ବଣିକସଂଘ


ନୟାଗଡ଼ ସ୍ୱାର୍ବଜନୀନ ଦୁର୍ଗାପୂଜା ସମିତି

## ଓଡ଼ଗାଁରେ ଗୋପବନ୍ଧୁଙ୍କ ଜୟନ୍ତୀ ପାଳିତ



ଓଡ଼ଗାଁ,୧୦।୧୦(ଆଦର୍ଶ କୁମାର ପଟ୍ଟନାୟକ)

ଓଡ଼ଗାଁ ଗୋପବନ୍ଧୁ ଯୁବକ ସଂଘ ଦ୍ୱାରା ଗୋପବନ୍ଧୁଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଛାମୁ ସାହିଠାରେ ଥିବା ତାଙ୍କର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ ଯୁବକ ସଂଘର ସଭ୍ୟମାନେ। ଏହି ଅବସରରେ ଗୋପବନ୍ଧୁ କାରାବରଣ କରିଥିବା ସମୟରେ ଲିଖିତ କାରା କବିତା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଅଳ୍ପ ସଂଖ୍ୟକ ଲୋକଙ୍କ ହାତରେ ସବୁବେଳେ କ୍ଷମତା ରହୁଥିବାରୁ କ୍ଷମତାର ବିକେନ୍ଦ୍ରୀକରଣ ପାଇଁ ଅନେକ ଗୋପବନ୍ଧୁ ସୃଷ୍ଟି ହେବାର ଆବଶ୍ୟକତା ରହିଛି ବୋଲି ମତ ପ୍ରକାଶ ପାଇଥିଲା । ଗୋପବନ୍ଧୁଙ୍କ ରାଷ୍ଟ୍ର ଭକ୍ତି ଏବଂ ଓଡ଼ିଶାବାସୀଙ୍କ ପାଇଁ ତ୍ୟାଗ ସବୁବେଳେ ମନେ ରହିବ ଅନୁଷ୍ଠାନର କର୍ମକର୍ତ୍ତା କହିଥିଲେ ।

## ପାର୍ବଣକୁ ନେଇ ଖଣ୍ଡପଡ଼ା ପୋଲିସ ତତ୍ପର, ଯାଞ୍ଚ କଡ଼ାକଡ଼ି

ଖଣ୍ଡପଡ଼ା,୧୦।୧୦(ଅଜୟ କୁମାର ମହାରଣା)– ଖଣ୍ଡପଡ଼ା ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ପାର୍ବଣ ଅବସରରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପାଟ୍ରୋଲିଂ ବ୍ୟବସ୍ଥା କଡାକଡି କରାଯାଇଛି । ଖଣ୍ଡପଡ଼ା ସହର ସମେତ ବ୍ଲକ ଅଧୀନ ଖଳିସାହି, ବେଣାଗାଡିଆ, କଣ୍ଟିଲୋ, ବାଣପୁର, ବାହାଡା, ସିଧାମୂଳା ଆଦି ସ୍ଥାନରେ ଜଗତ ଜନନୀ ମା'ଦୁର୍ଗାଙ୍କର ପୂଜା ଉତ୍ସବ ଧୁମଧାମରେ ଆରମ୍ଭ ହୋଇଛି । ସବୁଠି ପୋଲିସ ଫୋର୍ସ ମୁତୟନ କରାଯାଇଥିବା ଖଣ୍ଡପଡ଼ା ଏସ୍‌ଡିପିଓ ବିମଳ କୁମାର ବାରିକଙ୍କ ଠାରୁ ପ୍ରକାଶ । ସେହିପରି ପୋଲିସ ପକ୍ଷରୁ କୋର୍ଟଙ୍କ ଆଦେଶ ବଳରେ ପୁରୁଣା ଅପରାଧିମାନଙ୍କୁ ଧରପଗଡ ଅଭିଯାନ ଆରମ୍ଭ ହୋଇଛି । ବେଆଇନ ଭାବେ ବାଣ ଓ ନିଶାଦ୍ରବ୍ୟର କାରବାର ପ୍ରତି ପୋଲିସ ନଜର ରଖିଥିବା ଖଣ୍ଡପଡା ଥାନାଧିକାରୀ ନିହାର ରଞ୍ଜନ ମହାନ୍ତି କହିଛନ୍ତି ।

## ଶହୀଦଙ୍କ ଉଦ୍ଦେଶ୍ୟରେ ତୋପ ସଲାମି

### ସ୍ୱାଧୀନତା ସଂଗ୍ରାମୀ ଶହୀଦ ଦିବସ ପାଳିତ

ନୂଆଗାଁ,୧୦।୧୦ (ଧନେଶ୍ୱର ସାହୁ)

ନୟାଗଡ ଜିଲା ନୂଆଗାଁ ବ୍ଲକ ପାରାଢିପି ପଞ୍ଚାୟତ ଥୁଆବାରୀ , ଗୌଡଥୁଆବାରୀ ଓ ଜାକେଡା ପଞ୍ଚାୟତ କୁଶିବିଡା ଗ୍ରାମରେ ଗୁରବାର ୮୩ ତମ ପ୍ରଜାମଣ୍ଡଳ ସ୍ୱାଧିନତା ସଂଗ୍ରାମୀ ଶହୀଦ ସ୍ମାରକୀ ଦିବସ ପାଳିତ ହୋଇ ଯାଇଛି ।

ଇଂରେଜଙ୍କ କବଳରୁ ଦେଶକୁ ମୁକ୍ତ କରିବା ପାଇଁ ଥୁଆବାରୀ , ଗୌଡଥୁଆବାରୀ ଗ୍ରାମର ଅନେକ ସଂଗ୍ରାମୀ ଜେଲ ଦଣ୍ଡ ଭୋଗି ପ୍ରାଣ ହରାଇଥିଲେ । ସେହିପରି କୁଶିବିଡା ଗ୍ରାମର ଆଦିବାସୀ କଷ୍ଟି ଡାକୁଆ ଇଂରେଜଙ୍କ ଗୁଳିରେ ମରିଥିଲେ । ଦେଶକୁ ସ୍ୱାଧୀନ କରିବା ପାଇଁ ଜୀବନ ଦେଇଥିବା ସଂଗ୍ରାମୀଙ୍କୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଶହୀଦ ଦିବସ ପାଳନ କରାଯାଉଛି । ଏହି ପରିପ୍ରେକ୍ଷୀରେ ସକାଳୁ ଗ୍ରାମବାସୀଙ୍କ ଦ୍ୱାରା ପ୍ରଭାତଫେରି କରାଯାଇଥିଲା । ନୂଆଗାଁ ବିଡିଓ ବାସୁଦେବ ନାୟକ ଥୁଆବାରୀ ଗ୍ରାମରେ ପହଞ୍ଚି ଶହୀଦ ସ୍ମୃତି ସ୍ତମ୍ଭରେ ପୁଷ୍ପମାଲ୍ୟ ଅର୍ପଣ କରି ପତାକା ଉତ୍ତୋଳନ କରିଥିଲେ । ନୂଆଗାଁ ଥାନାଧିକାରୀ ଶରତ ଚନ୍ଦ୍ର ସେଠୀ ଶହୀଦ୍ ସ୍ମୃତିସ୍ତମ୍ଭରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଜିଲା ପୋଲିସ ପ୍ରଶାସନ ପକ୍ଷରୁ ଶହୀଦମାନଙ୍କ ଉଦ୍ଦେଶ୍ୟରେ ଥୁଆବାରୀ ଗ୍ରାମରେ ତୋପ ସଲାମୀ ଦିଆଯାଇଥିଲା । ସେହିପରି ଶହୀଦମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଗୌଡଥୁଆବାରୀ ଗ୍ରାମରେ ଶହୀଦ ଦିବସ ପାଳିତ ହୋଇ ଯାଇଛି । ଅନୁରୂପ ଭାବେ ଜାକେଡା ପଞ୍ଚାୟତ କୁଶିବିଡା ଗ୍ରାମରେ ଶହୀଦ କଷ୍ଟି ଡାକୁଆଙ୍କ ସ୍ମୃତି ଦିବସ ପାଳନ କରାଯାଇଛି । ସ୍ୱାଧୀନତା ସଂଗ୍ରାମୀଙ୍କ ଜୀବନ ବଳିରେ ଦେଶ ସ୍ୱାଧୀନ ହୋଇଥିବା ବେଳେ ସଂଗ୍ରାମୀଙ୍କ ଜନ୍ମମାଟି ଅବହେଳିତ ହୋଇ ପଡିଛି । ବାରମ୍ବାର ଗୁହାରୀ ପରେ ବି ଗାଁକୁ ପକ୍କା ରାସ୍ତାଟିଏ ହେଉନି , ପାଣିର ଅବ୍ୟବସ୍ଥା , ପଞ୍ଚାୟତକୁ ଯାତାୟତ ପାଇଁ ରାସ୍ତା ନାହିଁ । ଏସବୁ ଅବ୍ୟବସ୍ଥା ଭିତରେ ନେତା ଓ ପ୍ରଶାସକମାନେ ଶହୀଦ ଦିବସ ପାଳନ କରୁଛନ୍ତି । ଯାହାକୁ ନେଇ ଶହୀଦ ଙ୍କ ଉତ୍ତରାଧିକାରୀ ତଥା କୁଶିବିଡାବାସୀ କ୍ଷୋଭ ପ୍ରକାଶ କରିଛନ୍ତି ।


ଶହୀଦ ସ୍ତମ୍ଭରେ ଥାନାଧିକାରୀ ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି ।

# ମଣ୍ଡପରେ ମା'ଙ୍କ ସପ୍ତମୀ ପୂଜା


ଜାରକା ପୂଜା ମଣ୍ଡପ


ସାରୋଇ ଛକ

**ଧର୍ମଶାଳା,୧୦।୧୦(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ବ୍ଲକ୍‌ର ବିଭିନ୍ନ ଛକବଜାର ଓ ଗ୍ରାମାଞ୍ଚରେ ଦୁର୍ଗାପୂଜା ଆରମ୍ଭ ହୋଇଛି। ଗୁରୁବାର ସମସ୍ତ ମଣ୍ଡପରେ ମା'ଙ୍କ ସପ୍ତମୀ ପୂଜା ସମ୍ପନ୍ନ ହୋଇଛି। ଧର୍ମଶାଳା ମହୋତ୍ସବ ପୂଜା କମିଟି ଜାରକା ପକ୍ଷରୁ ମା'ଙ୍କ ଯଥାବିଧି ସପ୍ତମୀ ପୂଜା କରାଯାଇଛି। ମଣ୍ଡପକୁ ଆକର୍ଷଣୀୟ ଭାବେ ସଜାଯାଇଛି। ତୋରଣ ସାଙ୍ଗକୁ ରଙ୍ଗିନ ଆଲୋକମାଳାରେ ସମ୍ପୂର୍ଣ୍ଣ ବଜାର ସଜେଇ ହୋଇଛି। ସନ୍ଧ୍ୟାରେ ଭଜନକୀର୍ତ୍ତନ ପରିବେଷଣ କରାଯାଇଛି। ସ୍ଥାନୀୟ ଅଞ୍ଚଳର ଶହ ଶହ ଶ୍ରଦ୍ଧାଳୁ ମା'ଙ୍କ ଦର୍ଶନ କରିବା ସହିତ ପୂଜାର୍ଚ୍ଚନା କରିଛନ୍ତି।

ଶୃଙ୍ଖଳିତ ଦର୍ଶନ ଓ ପୂଜାର୍ଚ୍ଚନା ପାଇଁ ଧର୍ମଶାଳା ମହୋତ୍ସବ ପୂଜା କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ପୋଲିସ ଫୋର୍ସ ମୁତୟନ କରାଯାଇଛି। କମିଟି ସଭାପତି ରବିନାରାୟଣ ସାହୁ, ସମ୍ପାଦକ ସତ୍ୟପ୍ରିୟ ମହାନ୍ତି, ଉପସଭାପତି ସର୍ବେଶ୍ୱର ବେହୁରା, ସହସମ୍ପାଦକ ଜିତେନ୍ଦ୍ର କୁମାର ରାଉତ, କୋଷାଧ୍ୟକ୍ଷ ଶରତ କୁମାର ଓଝା, ସଂଯୋଜକ ଦେବରାଜ ମିଶ୍ର, ସଦସ୍ୟ କାଶୀନାଥ ସାହୁ, ସବ୍ୟସାଚୀ ସୁନ୍ଦରରାୟ, ବିଚିତ୍ର କୁମାର ସ୍ୱାଇଁ, ସୁଦାମ ବେହେରା, ସୁଧାଂଶୁ ଶେଖର ମହାନ୍ତି ପ୍ରମୁଖ ସଦସ୍ୟ ଉତ୍ସବକୁ ପରିଚାଳନା କରୁଛନ୍ତି। ସେହିପରି ଧର୍ମଶାଳା ବଜାର, ସାରୋଇ, ଆରୁହା ହାଟ, କାଏମା ବଜାର, ସେରପୁର, ଉତ୍ତରପ୍ରତାପ, ଚାନ୍ଦମୋହିନୀ, ଜଳେଶ୍ୱରପୁର, ନୀଳକଣ୍ଠପୁର ବେହେରା ସାହି, ପଲାର, ଗଙ୍ଗାଧରପୁର, ଜେନାପୁର, କବାଟବନ୍ଧ ଆଦି ବିଭିନ୍ନ ସ୍ଥାନରେ ମା' ଦଶଭୁଜାଙ୍କ ସପ୍ତମୀ ପୂଜା ମହାଆଡ଼ମ୍ବର ସହକାରେ ପାଳିତ ହୋଇଛି।


ଧର୍ମଶାଳା ବଜାର

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ କାର୍ତ୍ତିକେଶ୍ୱର


@ ବିକ୍ରମ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଚଣ୍ଡିଖୋଲରେ ସାର୍ବଜନୀନ ଦୁର୍ଗାପୂଜା



**ଚଣ୍ଡିଖୋଲ,୧୦।୧୦(ପ୍ରଦୀପ୍ତ କୁମାର ପୃଷ୍ଟି):** ଚଣ୍ଡିଖୋଲଠାରେ ଦୀର୍ଘ ବର୍ଷ ଧରି ଦୁର୍ଗତୀନାଶିନୀ ମା' ଦୁର୍ଗାଙ୍କ ସାର୍ବଜନୀନ ପୂଜା ପରମ୍ପରା ଅନୁଯାୟୀ ପାଳିତ ହୋଇଆସୁଛି। ଚଳିତ ବର୍ଷ ପୂଜାକୁ ଧୁମଧାମରେ ପାଳନ କରାଯାଉଛି। ଆକର୍ଷଣୀୟ ତୋରଣ ସହ ଆଲୋକ ମାଳାରେ ଝଲସୁଛି ପୂଜାମଣ୍ଡପ। ପୂଜା କମିଟି କର୍ମକର୍ତ୍ତା ଉପସ୍ଥିତ ରହି ପ୍ରତ୍ୟେକ କାର୍ଯ୍ୟ ତଦାରଖ କରୁଛନ୍ତି। ବୁଧବାର ଷଷ୍ଠୀ ପୂଜା ପରେ ଗୁରୁବାର ସପ୍ତମୀ ପୂଜା ଅନୁଷ୍ଠିତ ହୋଇଛି। ୫ ଦିନ ବ୍ୟାପୀ ଏହି ପୂଜା ପାଳନ ପାଇଁ ବ୍ୟାପକ ଆୟୋଜନ କରାଯାଇଛି। ପାରମ୍ପରିକ ନୀତିକାନ୍ତିରେ ପୂଜା ବିଧି ଚାଲିବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି।

# ମା'ଙ୍କ ଆଗମନରେ ବିଞ୍ଝାରପୁର ଉତ୍ସବମୁଖର


ସୟଦପୁର


ମେଡ଼ିକାଲ ଛକ


ଥାନା ଛକ


ବ୍ଲକ୍ ଛକ

**ବିଞ୍ଝାରପୁର,୧୦।୧୦(ରାମକୃଷ୍ଣ ଦାସ):**

## ଝଲସୁଛି ପୂଜା ମଣ୍ଡପ

ମା' ଦୁର୍ଗାଙ୍କ ଆଗମନରେ ବିଞ୍ଝାରପୁର ଅଞ୍ଚଳ ଉତ୍ସବମୁଖର ହୋଇଉଠିଛି। ବିଞ୍ଝାରପୁର ବ୍ଲକ୍‌ର ବିଭିନ୍ନ ପୂଜାମଣ୍ଡପରେ ବୁଧବାର ଷଷ୍ଠୀରେ କଳସ ପୂଜା, ବିଲ୍ୱବରଣ, ଜୀବନ୍ୟାସ ପରେ ଗୁରୁବାର ସପ୍ତମୀ ପୂଜା ଆରମ୍ଭ ହୋଇଛି। ମା'ଙ୍କ ମହାସ୍ନାନ ଓ ଷୋଡ଼ଷ ଉପଚାର ପୂଜା ପରେ ସନ୍ଧିପୂଜା, ଚଣ୍ଡୀ ପାଠ ଏବଂ ଯଜ୍ଞ ଆଦି କରାଯାଉଛି। ସନ୍ଧ୍ୟାରେ ସାଂସ୍କୃତିକ ଭଜନ ସନ୍ଧ୍ୟା ଓ ସଙ୍ଗୀତ ପରିବେଷଣ କରାଯାଉଛି। ବ୍ଲକର ବିଞ୍ଝାରପୁର, ସୟଦପୁର, ପ୍ରୀତିପୁର, ବ୍ଲକ୍‌ଛକ, ଚନ୍ଦନପୁର, ସିଂହପୁର, ମଲ୍ଲିଆ, ମାଇଁନ୍ଦାଆଦି ସ୍ଥାନ ପୂଜାମଣ୍ଡପରେ ବହୁ ଆଡ଼ମ୍ବରରେ ପୂଜା ଅନୁଷ୍ଠିତ ହେଉଛି। ପୂଜାମଣ୍ଡପଗୁଡ଼ିକୁ ଆକର୍ଷଣୀୟ ତୋରଣ ଓ ଏଲଇଡି ଲାଇଟ୍‌ରେ ସଜାଯାଇଥିବାରୁ ମଣ୍ଡପଗୁଡ଼ିକ ଆଲୋକମାଳାରେ ଝଲସୁଛି। ସନ୍ଧ୍ୟାରେ ପୂଜା ମଣ୍ଡପ ନିକଟରେ ପଡ଼ିଥିବା ବିଭିନ୍ନ ଷ୍ଟଲରେ ପ୍ରବଳ ଭିଡ଼ ଲାଗି ରହିଥିବା ଦେଖାଯାଇଛି। ଆୟୋଜକମାନେ ପୂଜାକୁ ଅଧିକ ସରସ ସୁନ୍ଦର କରିବାକୁ ଲାଗି ପଡ଼ିଛନ୍ତି। ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦେଖି ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିବା ପାଇଁ ବିଞ୍ଝାରପୁର ଓ ଅଳକୁଣ୍ଡ ଥାନା ପକ୍ଷରୁ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଛି।



ଯାଜପୁର ରୋଡ୍ କନ୍ହେଇପୁର ସ୍ଥିତ ଦୁର୍ଗା ମନ୍ଦିରରେ ମହାଷ୍ଟମୀରେ ମା'ଙ୍କ ସ୍ୱତନ୍ତ୍ର ବେଶ।

ଯାଜପୁର ରୋଡ୍‌ସ୍ଥିତ ଚୋରଦା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ହରଚଣ୍ଡୀଙ୍କର ରାଜରାଜେଶ୍ୱରୀ ବେଶ।



# ସରିଲା ମା' ବିରଜାଙ୍କ ଷୋଡ଼ଶ ଉପଚାର ପୂଜା

## ଅଷ୍ଟମ ଦିନରେ ରଥଯାତ୍ରା

**ଯାଜପୁର ଟାଉନ,୧୦।୧୦ (ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ଯାଜପୁର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ପୀଠରେ ଆରମ୍ଭ ହୋଇଥିବା ବିଶେଷ ଷୋଡ଼ଶ ଉପଚାର ପୂଜା ଶେଷ ହୋଇଛି। ସେହିପରି ମହାପଞ୍ଚମୀରୁ ଆରମ୍ଭ ହୋଇଥିବା ହୋମଯଜ୍ଞ ମହାଷ୍ଟମୀରେ ସରିଛି। ମହାଷ୍ଟମୀ ଦିନ ମା'ଙ୍କ ବିଶେଷ ଦୁର୍ଗୋତ୍ସବ ଅବସରରେ ବୈତରଣୀ ପଣ୍ଡାଙ୍କ ଦ୍ୱାରା ଅଣାଯାଇଥିବା ବୈତରଣୀ ଜଳରେ ସକାଳେ ମା'ଙ୍କୁ ମହାସ୍ନାନ କରାଯିବା ପରେ ଭକ୍ତଙ୍କୁ ମା'ଙ୍କ ଦର୍ଶନ ନିମନ୍ତେ ଛଡ଼ାଯାଇଥିଲା। ପରେ ମା'ଙ୍କୁ ବିଭିନ୍ନ ଫୁଲରେ ସୁସଜ୍ଜିତ କରାଯିବା ସହ ସ୍ୱର୍ଣ୍ଣବେଶରେ ସଜ୍ଜିତ କରାଯାଇଥିଲା। ଏହାପରେ ରୀତିନୀତି ଅନୁଯାୟୀ ମା'ଙ୍କ ଗର୍ଭଗୃହରେ ଷୋଡ଼ଶୋପଚାର ପୂଜା, ଯଜ୍ଞ ମଣ୍ଡପରେ କଳସ ପୂଜା, ରଥରେ ବିଜେ ପ୍ରତିମାଙ୍କର ପୂଜା ହେବା ପରେ ଗର୍ଭଗୃହରେ ମା'ଙ୍କୁ ବିଶେଷ ନୀତି ଲଗାଯାଇ ପହୁଡ଼ ହୋଇଥିଲା। ଭକ୍ତମାନେ ପୂର୍ବ ଦିନରୁ ରହିଥିବା ସ୍ଥାନରୁ ମା'ଙ୍କ ରଥକୁ ଟାଣି ଆଣି ଦକ୍ଷିଣ-ପଶ୍ଚିମ କୋଣରେ ରଖିଥିଲେ। ମା'ଙ୍କ ଆର୍ଶୀବାଡ଼ି ରଥରୁ ଓହ୍ଲାଇବା ପରେ ଆଳତି ହୋଇଥିଲା। ମହାଷ୍ଟମୀ ତିଥିରେ ପୁନର୍ବାର ମା'ଙ୍କୁ ରାତ୍ର ୬.୧୦ ପରେ ବୈତରଣୀ ପଣ୍ଡା ଆଣିଥିବା ବୈତରଣୀ ଜଳରେ ମହାସ୍ନାନ କରାଯାଇଥିଲା। ମହାସ୍ନାନ ପରେ ପୁନଶ୍ଚ ମା'ଙ୍କୁ ବିଭିନ୍ନ ପୁଷ୍ପିତ ଫୁଲ ଓ ସ୍ୱର୍ଣ୍ଣବେଶରେ ସଜ୍ଜିତ କରାଯିବା ପରେ ଗର୍ଭ ଗୃହରେ ମା'ଙ୍କର ଷୋଡ଼ଶଉପଚାର ପୂଜା ହୋଇଥିଲା।



ମା'ଙ୍କ ଗର୍ଭଗୃହ ଓ ମା'ଙ୍କର ରତ୍ନ ସିଂହାସନ ସମେତ ମନ୍ଦିର ପରିସରରେ ଥିବା ବିଭିନ୍ନ ମନ୍ଦିରର ମୁଖ୍ୟ ଦ୍ୱାରକୁ ଫୁଲରେ ସଜ୍ଜିତ କରାଯାଇଥିଲା। ମନ୍ଦିରକୁ ମଧ୍ୟ ଆଲୋକମାଳାରେ ସଜ୍ଜିତ କରାଯାଇଥିଲା। ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ମନ୍ଦିର ପରିସରରେ ମା'ଙ୍କ ଭଜନ, ଜଗନ୍ନାଥଙ୍କ ଭଜନ ଓ ଓଡ଼ିଶୀ ଓଡ଼ିଶୀ ନୃତ୍ୟା ମାଧ୍ୟମରେ ମା'ଙ୍କ ବିଭିନ୍ନ ପର୍ବପର୍ବାଣୀର ଗାଥାକୁ ପ୍ରଦର୍ଶିତ କରିଥିଲେ। ଦୁର୍ଗାସ୍ତୋବ ପୂଜା ଓ ମହାଷ୍ଟମୀ ପୂଜାକୁ ଧର୍ମାଧିକାରୀ ହିମାଂଶୁ ଶେଖର ପତିମିଶ୍ର, ବିରଜା କିଂକର ପତି, ପ୍ରମୋଦ କୁମାର ପତି, ମୋହିନୀ ମୋହନ ପତି, ମନୋରଞ୍ଜନ ପତି, ଡ.ଜ୍ଞାନରଞ୍ଜନ ପତି, ସଂଗୀତ ମାଧ୍ୟମରେ ନିଜର କଳା ନୈପୁର୍ଣ୍ଣ୍ୟକୁ ପ୍ରଦର୍ଶିତ କରି ମନ୍ଦିର ମଧ୍ୟରେ ଥିବା ଭକ୍ତଙ୍କ ଭାବାବେଗକୁ ଦ୍ୱିଗୁଣିତ କରିଥିଲେ। ରଥଟଣା ସମୟରେ ରଥ ଦାଣ୍ଡରେ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ଭଜନ, କୀର୍ତ୍ତନ ଓ ସରୋଜପତି, ପ୍ରତାପ କୁମାର ପତି, ପ୍ରଭାତ ରଞ୍ଜନ ପତି, ବିରଜା ଶଙ୍କର ପତି, ଶଶାଙ୍କ ଶେଖର ପତି ଓ ପୂଜକ ନାଗେନ୍ଦ୍ରଭୂଷଣ କର ପ୍ରମୁଖ ପୂଜା କାର୍ଯ୍ୟ ସମ୍ପନ୍ନ କରିଥିଲେ।

# ଦଶହରାରେ ବିରି ଚାଉଳ ବଳିରେ କାମ ଚଳୁଛି

- ନରବଳି ଖାଉଥିଲେ ଦାନ୍ତି ଦୁର୍ଗା
- ପାର୍ବଣ ଅବକାଶରେ ବି ବାଉରୀ ଠାକୁରାଣୀଙ୍କ ଦର୍ଶନ ମିଳୁନି
- ୧୨ ବର୍ଷ ତଳେ ମା'ଦର୍ଶନ ଦେଉଥିଲେ





ନୟାଗଡ଼,୧୦।୧୦(ଲୋକନାଥ ମିଶ୍ର)

ନୟାଗଡ଼ ରାଜବାଟୀ ଠାକୁରାଣୀ ଦାନ୍ତି ଦୁର୍ଗା ଓ ବାଉରୀ ଠାକୁରାଣୀଙ୍କ ଦଶହରା ପର୍ବ ନିଆରା। ତେବେ ରାଜାଙ୍କ ଶାସନ ଲୋପ ପାଇବା ପରେ ପରମ୍ପରା ବଦଳି ଯାଇଛି। ପୂର୍ବରୁ ଦାନ୍ତି ଠାକୁରାଣୀ ନରବଳୀ, ପୋଢ଼ ଓ ବୋଦା ବଳି ଖାଉଥିବାର ଲୋକକଥା ରହିଛି। ଏବେ କିନ୍ତୁ ବିରି ଚାଉଳ ବଳିରେ କାମ ଚଳୁଛି। ସେହିଭଳି ବାଉରୀ ଠାକୁରାଣୀଙ୍କ ଦର୍ଶନ ପାର୍ବଣ ଅବକାଶରେ ବି ମିଳୁନି। ପ୍ରାୟ ୧୨ ବର୍ଷ ହେଲା ରାଜବାଟୀରେ ମା'ଙ୍କର ଦର୍ଶନ ବନ୍ଦ ହୋଇ ଯାଇଛି। କାହିଁକି ଦର୍ଶନ ବନ୍ଦ ରହିଛି ସେନେଇ କିଛି ଜଣାପଡିନି।

ନୟାଗଡ଼ ରାଜବଂଶ ତଥା ନୟାଗଡ଼ର ଇଷ୍ଟଦେବୀ ମା'ବାଉରୀ। ରାଜାଙ୍କ ଶାସନ ନ ଥିଲେ ହେଁ ନୟାଗଡ଼ ଓ ଖଣ୍ଡପଡ଼ା ରାଜବାଟୀର ଇଷ୍ଟ ଦେବୀ ମା'ବାଉରୀଙ୍କୁ ପାର୍ବଣ ଅବକାଶରେ କେବଳ ବର୍ଷକୁ ଥରେ ନୟାଗଡ଼ ରାଜବାଟୀରେ ଦର୍ଶନ ମିଳଥିଲା।ଏବେ ପ୍ରାୟ ୧୨ ବର୍ଷ ହେଲା ଦର୍ଶନ ବନ୍ଦ ହୋଇ ଯାଇଛି। ବାଉରୀ ଠାକୁରାଣୀ ଉଗ୍ରଚଣ୍ଡୀ ଓ ତନ୍ତ୍ର ଦେବୀ। ଯାହାଙ୍କର ଗଣ୍ଡି ଖଣ୍ଡପଡା ରାଜବାଟୀରେ ଓ ନୟାଗଡ ରାଜବାଟିରେ ମୁଣ୍ଡ ଭାଗ ରହିଛି। ନୟାଗଡ ରାଜବାଟିରେ ମୁଣ୍ଡ ଭାଗ ପୋତା ହୋଇରହିଥିବାବେଳେ କେବଳ ଘଡି ଦୃଶ୍ୟମାନ ହେଉଛି। ନୟାଗଡରେ କେବଳ ମହାଳୟାଠାରୁ ଅଷ୍ଟମୀ ପର୍ଯ୍ୟନ୍ତ ବାଉରୀ ଠାକୁରାଣୀ ଦର୍ଶନ ଦେଉଥିଲେ। ଖଣ୍ଡପଡ଼ାରେ ଗଣ୍ଡି ଭାଗ ଶୀର୍ଷରେ କେବଳ ବର୍ଷକୁ ଥରେ ରାଜ ପୁରୋହିତ ଏକ ନଡିଆ ରଖି ମା'ଙ୍କୁ ପୂର୍ଣ୍ଣାଙ୍ଗ ପ୍ରାପ୍ତ କରାଇଥାନ୍ତି।

କନକଦୁର୍ଗାଙ୍କର ପୂଜକ ଚିତ୍ତରଞ୍ଜନ ଦାଶଙ୍କ ସୂଚନା ଅନୁଯାୟୀ, ନୟାଗଡ ବାହାଡାଝୋଲା ନିକଟବର୍ତ୍ତୀ ରଳବଗଡରେ ମା ବାଉରୀଙ୍କର ଆସ୍ଥାନ। ଯାହା ନୟାଗଡର ପ୍ରଥମ ଦୁର୍ଗ। ଦ୍ୱାଦଶ ଶତାବ୍ଦୀରେ ରେୱା ରାଜକୁମାର ବୀର ସୂର୍ଯ୍ୟମଣୀ ଓ ଚନ୍ଦ୍ରମଣି ସିଂହଙ୍କ ଦ୍ୱାରା ସ୍ଥାପନ କରାଯାଇଥିଲା।ରେୱା ରାଜବାଟୀର ରାଜକୁମାର ସୂର୍ଯ୍ୟମଣି ଓ ଚନ୍ଦ୍ରମଣି ସିଂ। ସେମାନେ ଭ୍ରମଣରେ ବୁଲୁଥିବାବେଳେ ରଳବଗଡରେ ପହଂଚିଥିଲେ। ରାତିରେ ଦୁଇ ଭାଇ ବିଶ୍ରାମ ନେଇଥିଲେ। ବାଘ ଭୟ ଥିବାରୁ ଜଣେ ଭାଇ ଶୋଇଥିଲେ ଅନ୍ୟ ଜଣେ ଚେଇଁଥିଲେ। ଚନ୍ଦ୍ରମଣି ସିଂ ଚାହିଁଥିବାବେଳେ ଜଣେ ଗର୍ଭବତି ମହିଳା ନିକଟସ୍ଥ ନଦୀକୁ ପାଣି ଆଣିବାକୁ ଯାଇଥିଲେ। ତେବେ ପାଣି ଆଣି ଫେରିବା ବେଳେ ଏକ ଶିଶୁ ପୁତ୍ରର ହାତ ଧରି ଫେରୁଥିଲେ। ଛୁଆ ଜନ୍ମ ହେବା, ପୁଣି ଚାଲିବା ଦେଖି ମହିଳାଙ୍କ ଉପରେ ରାଜକୁମାର ଚନ୍ଦ୍ରମଣି ସିଂଙ୍କର ସନ୍ଦେହ ହୋଇଥିଲା। ରାଜକୁମାର ମା'ଙ୍କର ପରିଚୟ ଜାଣିବାକୁ ଚାହିଁବାରୁ ହତ୍ୟା କଲେ ପରିଚୟ ଦେବେ ବୋଲି ମହିଳା କହିଥିଲେ। ଏଭଳି ସମୟରେ ଏକ ବାଘ ରାଜକୁମାର ଚନ୍ଦ୍ରମଣିଙ୍କୁ ଖାଇବାକୁ ଲମ୍ଫ ଦେଇଥିଲା। ରାଜକୁମାର ଚନ୍ଦ୍ରମଣି ବାଘକୁ ଶିକାର କରି ପୁଣି ମହିଳାଙ୍କର ପରିଚୟ ମାଗିଲେ। ମହିଳା ରାଜକୁମାର ଚନ୍ଦ୍ରମଣିଙ୍କ ଉପରେ ସନ୍ତୁଷ୍ଟ ହୋଇ ନିଜର ପରିଚୟ ବାଉରୀ ଠାକୁରାଣୀ ବୋଲି କହିଥିଲେ। ଏପରିକି ବାଘ ମୁଣ୍ଡକୁ ନେଇ ଗଡରେ ରଖି ରାଜା ହୁଅ ବୋଲି ମା ବର ଦେଇଥିଲେ। ପରେ ରାଜକୁମାର ଚନ୍ଦ୍ରମଣି ରଳବଗଡରେ ବାଉରୀ ଠାକୁରାଣୀଙ୍କୁ ରଖି ପୂଜାର୍ଚ୍ଚନା କରିଥିଲେ। ନବମ ଶତାବ୍ଦୀରେ ରାଜା ବାଘା ସିଂ ନୟାଗଡରେ ମାଙ୍କୁ ସ୍ଥାପନ କରିଥିଲେ। ତେବେ ଦୁଇ ଭାଇ ଭ୍ରମଣ ସମୟରେ ସାଥିରେ ରେୱାର ଇଷ୍ଟଦେବୀ ଦାନ୍ତୀ ଦୁର୍ଗାଙ୍କୁ ଆଣିଥିଲେ। ଭୟଙ୍କରୀ ଠାକୁରାଣୀ ମା ଦାନ୍ତି ଦୁର୍ଗା। ରାଜରାଜୁଡା ସମୟରେ ମା ଦାନ୍ତି ଦୁର୍ଗା ନରବଳି ଖାଉଥିଲେ। ନରବଳି ବନ୍ଦ ପରେ ପୋଢ଼ ବଳ ଖାଇଲେ। ପରେ ବୋଦାରେ ବଳି ଅଟକି ଯାଇଥିଲା। ଏବେ ପାଣିକଖାରୁ ଓ ବିରି ଚାଉଳ ବଳି ଖାଉଛନ୍ତି। ମହଳାୟା ଠାରୁ ଅଷ୍ଟମୀ ପର୍ଯ୍ୟନ୍ତ ଦାନ୍ତି ଦୁର୍ଗା ନିଜ ଭଉଣୀ ଘର ପୁରୁଣା ରାଜବାଟୀ ନିକଟସ୍ଥ କନକ ଦୁର୍ଗାଙ୍କ ପାଖକୁ ଆସନ୍ତି। ଦାନ୍ତି ଦୁର୍ଗାଙ୍କର ଅନ୍ୟ ୬ଭଉଣୀ ତରକେଇ, ଶୁଳିଆ, ବ୍ରାହ୍ମଣୀ ଦେବୀ, ବାଉରୀ, ରାମଚଣ୍ଡି, କାଠି ଠାକୁରାଣୀ ଏହି ପର୍ବରେ ସାମିଲ ହୋଇଥାନ୍ତି।

### ନବଦିନାତ୍ମକ ବେଶ

ନୟାଗଡ଼ ପୁରୁଣା ସହରର ରାଜବାଟୀରେ ଦଶହରା ପର୍ବ ଦୁତିଆ ଓଷାରୁ ଆରମ୍ଭ ହୁଏ। ନୟାଗଡ଼ ରାଜବାଟୀରେ ପାର୍ବଣ ପାଇଁ ମା'କନକଦୁର୍ଗା ନିଜ ଦୋଳ ବିମାନରେ ସହର ପରିକ୍ରମା କରି ପୁଣି ବିଳମ୍ବିତ ରାତିରେ ଫେରିଥାନ୍ତି। ମା'କନକ ଦୁର୍ଗାଙ୍କର ପାର୍ବଣ ଅବକାଶରେ ପ୍ରତିପଦାରେ ଶୈଳପୁତ୍ରୀ, ୨ୟରେ ବ୍ରହ୍ମଚାରିଣୀ, ତୃତୀୟାରେ ଚନ୍ଦ୍ରଘଣ୍ଟା, ଚତୁର୍ଥୀରେ କୁସୁମାଣ୍ଡା, ପଞ୍ଚମୀରେ କାତ୍ୟାୟନୀ, ଷଷ୍ଠୀରେ ସ୍କନ୍ଦମାତା, ୭ମୀରେ କାଳରାତ୍ରୀ, ୮ମୀରେ ମହାଗୌରୀ, ନବମୀରେ ସିଦ୍ଧିଦାତ୍ରୀ ବେଶରେ ନବଦିନାତ୍ମକ ବେଶରେ ଦର୍ଶନ ଦେଉଛନ୍ତି।

ସେଲ୍ଫି କର୍ଣ୍ଣର ଧରିତ୍ରୀ

## ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ କାର୍ତ୍ତିକେଶ୍ୱର



@ ବିକ୍ରମ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ରାଜବାଟୀରେ ବୁଢ଼ା ରୂପରେ ଦର୍ଶନଦେଲେ ମା'ଖିଲାମୁଣ୍ଡା

## ଦଶହରା ଦିନ ପାରା ଦେହରେ ଫେରିବେ ମା'

ରଣପୁର,୧୦।୧୦
(ସୁକାନ୍ତ କିଶୋର ଡାକୁଆ)



ନୟାଗଡ଼ ଜିଲା ରଣପୁର ସଂରକ୍ଷିତ ଜଙ୍ଗଲ ବନ୍ଧମୁଣ୍ଡା ପଞ୍ଚାୟତରେ ରାଆଁଳା ଗ୍ରାମର ନିଘଞ୍ଚ ବଣ ପାହାଡ ଘେରା ଜଙ୍ଗଲରେ ପୂଜା ପାଉଥିବା ମା'ଖିଲାମୁଣ୍ଡାଙ୍କ ୧୬ ଦିନର ଯାତ୍ରା ଗତ ଦୁତୀୟା ଓଷାଠାରୁ ଆରମ୍ଭ ହୋଇଛି। ପ୍ରତିବର୍ଷ ମା'ଆଶ୍ୱିନମାସ ଦୁତୀୟା ଓଷାଠାରୁ ୧୬ ଦିନ ପାଇଁ ରଣପୁର ରାଜବାଟୀକୁ ଆସି ଦଶହରା ଦିନ ପୁଣି ଫେରିଯିବେ। ଦୁତୀୟା ଓଷା ଦିନ ଖିଲାମୁଣ୍ଡା ପୀଠରେ ଭିଡ଼ ଜମିଥିଲା। ଢୋଲ,ଘଣ୍ଟ, ହରିବୋଲ ହୁଳହୁଳିରେ ଏହି ପୀଠ ପ୍ରକମ୍ପିତ ହୋଇଥିଲା। ଚଳିତ ବର୍ଷ ମା'ବୁଢା ରୁପରେ ଦର୍ଶନ ଦେଲେ ବୋଲି ଜଣାଇଛନ୍ତି ମା'ଙ୍କ ପୂଜାରୀ। ମା'ଙ୍କ ଆଗମନରେ ବହୁ ଶ୍ରଦ୍ଧାଳୁ ଦୁର୍ଗମ ପଥ ଅତିକ୍ରମ କରି ମଙ୍ଗଳବାର ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଥିବା ମା'ଙ୍କ ପୀଠରେ ରୁଣ୍ଡ ହୋଇଥିଲେ।

ଦୀର୍ଘ ୩୦୦ ବର୍ଷ ଧରି ମା'ଖିଲାମୁଣ୍ଡା ରାଆଁଳାରୁ ରଣପୁର ରାଜପ୍ରସାଦକୁ ଆସୁଛନ୍ତି। ଦୁତୀୟ ଓଷାରେ ବିଧିମୁତାବକ ପୂଜା ପାଠ ପରେ ମା'ସବାର ହୋଇଥିଲେ। ପରେ ସେଠାରେ ରୁଣ୍ଡ ହୋଇଥିବା ଭକ୍ତମାନଙ୍କ ମଧ୍ୟରୁ କେତେଜଣଙ୍କୁ ଡାକିଆଣି ହୁକୁମ ଦେଇଥିଲେ। ଦୀର୍ଘସମୟ ଧରି ଭକ୍ତମାନଙ୍କୁ ହୁକୁମ ଦେବାପରେ ଏକ ବିରାଟ ବାଉଁଶ ଦଣ୍ଡରେ ଝୁଲି ପଡିଥିଲେ। ମଙ୍ଗଳବାର ମଧ୍ୟାହ୍ନ ୧ଟାରେ ରାଜ ପ୍ରସାଦ କର୍ମଚାରୀମାନେ ମା'ଙ୍କୁ ରଣପୁର ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ। ରଣପୁରଠାରୁ ୨୫ କିମି ଦୂର ସଂରକ୍ଷିତ ଜଙ୍ଗଲରେ ବଣ ପାହାଡ଼ ଘେରା ଦୂର୍ଗମ ଅଞ୍ଚଳରେ ଅପୂର୍ବ ପ୍ରାକୃତିକ ପରିବେଶରେ ମା'ଖିଲାମୁଣ୍ଡା ପୂଜା ପାଆନ୍ତି। ପ୍ରତି ବର୍ଷ ଦୁତୀୟା ଓଷାଠାରୁ ଦଶହରା ୧୬ ଦିନ ପାଇଁ ରଣପୁର ରାଜ ପ୍ରସାଦକୁ ମା'ଆସନ୍ତି ଓ ପୂଜା ପାଆନ୍ତି। ମା'ଙ୍କୁ ବଳାମୁକୁଳି ପୀଠରୁ ପାଛେଟି ଆଣିଥିଲେ ରଣପୁର ରାଜା। ଦୁତୀୟା ଓଷା ପୂର୍ବ ଦିନ ସ୍ଥାନୀୟ ରାଜ ପ୍ରସାଦ କର୍ମଚାରୀମାନେ ରାଜବାଟୀ ପରିସରରେ ଥିବା ଏକ ବିରାଟ ବାଉଁଶ ଖଣ୍ଡକୁ ରାଆଁଳ ଅଭିମୁଖେ ନେଇଥାନ୍ତି। ଖିଲାମୁଣ୍ଡା ପୀଠକୁ ବାଉଁଶ ଖଣ୍ଡ ନେଇ ସେଠାରେ ପୂଜା ପାଠ କଲାପରେ କାଳେସୀ ସବାର ହୋଇଥାଏ। ପ୍ରଥମେ ଦେଶ ଓ ରାଜ୍ୟର ସାମ୍ପ୍ରତିକ ସ୍ଥିତି କିଭଳି ରହିବ ବୋଲି ମତ ଦେଇଥାନ୍ତି। ଖିଲାମୁଣ୍ଡାରେ ବୁଢ଼ୀବୁଢା, ପୁଅ ପାଡିଆକାର , ବୋହୁ ଗୁପତସିଂ ନାମରେ ରହିଥାନ୍ତି। ଯଦି ସେହି ବର୍ଷ ଠାକୁର ବୁଢୀବୁଢ଼ା ରୁପରେ ଦର୍ଶନ ଦେବେ ସେହି ବର୍ଷ ଭଲ ଫସଲ ହେବ ବୋଲି ବିଶ୍ୱାସ ରହିଛି। ଚଳିତ ବର୍ଷ ମା'ବୁଢା ରୂପେ ଦର୍ଶନ ଦେଇଛନ୍ତି। ଏହି ଅବସରରେ ରଣପୁର ଅଞ୍ଚଳରେ ଭକ୍ତମାନେ ଜଙ୍ଗଲ ଭିତରକୁ ଯାଇ ମା'ଙ୍କ ମନ୍ଦିର ପାଖେ ରୁଣ୍ଡ ହୋଇଥିଲେ। ହରିବୋଲ , ହୁଳହୁଳିରେ ମା'ଙ୍କ ମନ୍ଦିର ପରିସର ଏକ ଭକ୍ତମୟ ପରିବେଶ ସୃଷ୍ଟି ହୋଇଥିଲା।

## ରେକି ପ୍ରଶିକ୍ଷଣ ଶିବିର

ଓଡ଼ଗାଁ,୧୦।୧୦
(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ଶିଶୁ ବିଦ୍ୟାମନ୍ଦିରରେ ଇନିଫିନିଟ ଲଭ ଏକାଡେମୀ ଆନୁକୂଲ୍ୟରେ ରେକି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ରେକି ଗ୍ରାଣ୍ଡମାଷ୍ଟର ରାଜୀବ ଲୋଚନ ପଣ୍ଡା ଯୋଗଦେଇ ଦୈନନ୍ଦିନ ଜୀବନରେ ଆସୁଥିବା ବାଧାବିଘ୍ନକୁ ଅଧିକ ପ୍ରଭାବୀ ଢଙ୍ଗରେ ପ୍ରତିହତ କରିବା ସହିତ ଆତ୍ମସନ୍ତୁଳନ ଏବଂ ଜୀବନଶକ୍ତିକୁ ଉଜାଗର ରଖିବାର ବିଭିନ୍ନ କୌଶଳ ପ୍ରଦାନ କରିଥିଲେ। ଏତଦ୍‌ବ୍ୟତୀତ ମାନସିକ ଦୁଶ୍ଚିନ୍ତାରୁ ମୁକ୍ତି, ଶୁଦ୍ଧ ଉର୍ଜାର ପ୍ରବାହ, ଯନ୍ତ୍ରଣା ନିବାରକ,ଭାବନାତ୍ମକ ଉପଚାର, ଆଧାତ୍ମିକ ବିକାଶ,ସ୍ୱଯତ୍ନ, ଅନ୍ୟକୁ ସାହାଯ୍ୟ, ବିନା କଷ୍ଟରେ ଚିକିତ୍ସା, ବ୍ୟକ୍ତିଗତ ବିକାଶ ସହିତ ଏହା ପାରମ୍ପରିକ ଚିକିତ୍ସା ଉପଚାରର ପୂର୍ବକ ହୋଇଥାଏ ବୋଲି କହିଥିଲେ। ସେ ତାଙ୍କର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପ୍ରଥମ କରି ଓଡ଼ଗାଁରୁ ଆରମ୍ଭ କରି କେବଳ ଓଡ଼ିଶା ପର୍ଯ୍ୟନ୍ତ ନୁହେଁ ବରଂ ଦେଶରୁ ବିଦେଶ ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇଥିବା କହିଥିଲେ। ରେକି ମାଷ୍ଟର ଅନୁପା ମହାପାତ୍ର, ଧରଣୀଧର ସାହୁ, ସୁନନ୍ଦା ପତଙ୍ଗ, ସୁଚରିତା ପତଙ୍ଗ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପ୍ରେମାନନ୍ଦ ମହାପାତ୍ର, ପ୍ରଦୀପ୍ତ ବିଶ୍ୱାଳ, ପ୍ରକାଶ ଡାକୁଆ, ଜଗନ୍ନାଥ ସାହୁ, ସୁରେଖା ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ନୀଳମାଧବ ପୀଠରେ ମା'ବିମଳାଙ୍କ ଭଦ୍ରକାଳୀ ବେଶ

ଖଣ୍ଡପଡ଼ା,୧୦।୧୦(ଅଜୟ କୁମାର ମହାରଣା)

ଜଗନ୍ନାଥ ସଂସ୍କୃତିର ଆଦିପୀଠ ନୀଳମାଧବ ପୀଠର ଇଷ୍ଟଦେବୀ ମା'ବିମଳାଙ୍କ ୧୬ପୂଜା ଦ୍ୱିତୀୟା ଓଷାଠାରୁ ଆରମ୍ଭ ହୋଇଯାଇଛି। ଏହି ପାରମ୍ପରିକ ପର୍ବ ମହାନବମୀ ପର୍ଯ୍ୟନ୍ତ ଚାଲୁରହିବ । ମହାଳୟା ଅମାବାସ୍ୟାଠାରୁ ମା'ଙ୍କର ନବରାତ୍ରୀ ପୂଜା ଆରମ୍ଭ ହେବା ସହ ପ୍ରତିଦିନ ଚଣ୍ଡୀପାଠ, ହୋମଯଜ୍ଞ କରାଯାଉଛି। ଉକ୍ତ ଯଜ୍ଞରେ କର୍ତ୍ତାଭାବେ ବ୍ରଜରାଜ ମିଶ୍ର ଓ ପୁରୋଧା ଭାବେ ଶ୍ରୀକାନ୍ତ ମିଶ୍ର ଦାୟିତ୍ୱ ତୁଲାଉଛନ୍ତି। ଗୁରୁବାର ଅଷ୍ଟମୀ ଅବସରରେ ମା'ବିମଳାଙ୍କୁ ଭଦ୍ରକାଳୀ ବେଶରେ ସୁସଜ୍ଜିତ କରାଯାଇଛି। ମା'ଙ୍କ ନିକଟରେ ପ୍ରତିଦିନ ଖଇ. କୋରା, କାକରା, ଫଳମୂଳ, ବିରିକାନ୍ତି ଓ ଅନ୍ନଭୋଗ ଲାଗି କରାଯାଇଥାଏ। ଏହି ବେଶ ଦେଖିବା ପାଇଁ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

## ଦଶହରାକୁ ନେଇ ଚଳଚଞ୍ଚଳ ରଣପୁର

ରଣପୁର,୧୦।୧୦(ସୁକାନ୍ତ କିଶୋର ଡାକୁଆ)

ଚଳିତ ବର୍ଷ ଦଶହରାକୁ ନେଇ ସମଗ୍ର ରଣପୁର ଚଳଚଞ୍ଚଳ ହୋଇଉଠିଛି। ପ୍ରତିବର୍ଷ ଭଳି ଦୁର୍ଗାପୂଜା ମଣ୍ଡପରେ ମା'ଙ୍କ ବୁଧବାର ମହାସପ୍ତମୀ ପୂଜା ଶେଷ ହୋଇଥିବା ବେଳେ ଗୁରୁବାର ମହାଷ୍ଟମୀ, ଶୁକ୍ରବାର ମହାନବମୀ ଓ ଶନିବାର ବିଜୟା ଦଶମୀ ପାଳିତ ହେବାର କାର୍ଯ୍ୟକ୍ରମ ରହିଥିବା ଦୂର୍ଗାପୂଜା କମିଟି ପକ୍ଷରୁ ଘୋଷଣା କରାଯାଇଛି । ମା'ଙ୍କର ପୂଜାବିଧି ସାଙ୍ଗକୁ ଓଡିଶାର ସୁନାମଧନ୍ୟ ପାଲାଗାୟକ ମଦନମୋହନ ଜେନା ଓ ପଣ୍ଡିତ ବନବିହାରୀ ଗ୍ରହାଚାର୍ଯ୍ୟଙ୍କ ମଧ୍ୟରେ ବୁଧବାରଠାରୁ ଶନିବାର ପର୍ଯ୍ୟନ୍ତ ବାଦୀପାଲା ଅନୁଷ୍ଠିତ ହେବ।। ଦୁର୍ଗାମାଙ୍କ ଦଶହରା ପୂଜା ସାଙ୍ଗକୁ ରାଜବାଟୀ ପରିସରରେ ମା'ଖିଲାମୁଣ୍ଡାଙ୍କର ପୂଜାର୍ଚ୍ଚନା ଚାଲିଛି। ସେହିଭଳି ମା'ମଣିନାଗଙ୍କ ପୀଠରେ ଷୋଳପୂଜା ସହ ଜଗନ୍ନାଥ ମନ୍ଦିର ପରିସରରେ ମା'ବିମଳାଙ୍କ ନିକଟରେ ପୂଜାର୍ଚ୍ଚନା ଚାଲିଥିବା ହେତୁ ସମଗ୍ର ରଣପୁର ଅଞ୍ଚଳ ଉତ୍ସବମୁଖର ହୋଇଉଠିଛି। ଏହି ସମସ୍ତ ପୀଠରେ ମା'ଙ୍କ ଦର୍ଶନ ପାଇଁ ପ୍ରବଳ ଭିଡ ଜମିଥିବା ଦେଖିବାକୁ ମିଳିଛି। ଏଥି ସାଙ୍ଗକୁ ଜଗନ୍ନାଥ ମନ୍ଦିରରେ ଦୀର୍ଘ ଦିନଧରି ବନ୍ଦ ରହିଥିବା ଅବଢା ମହାପ୍ରସାଦ ବୁଧବାରଠାରୁ ଆରମ୍ଭ ହୋଇଥିବା ହେତୁ ଭକ୍ତଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି।



# ସାଧୁଙ୍କ ପରାମର୍ଶରେ ୫୧ବର୍ଷ ଧରି ଚାଲିଛି ବିଶ୍ୱଶାନ୍ତି ମହାଯଜ୍ଞ

ଖଣ୍ଡପଡ଼ା,୧୦।୧୦
(ଅଜୟ କୁମାର ମହାରଣା)

ଗାଁ ଗହଳିଠାରୁ ଆରମ୍ଭ କରି ସହରର ପ୍ରତ୍ୟେକ ସାହି ବସ୍ତି ଓ ପୂଜା କମିଟି ପକ୍ଷରୁ ମା' ଦୁର୍ଗାଙ୍କ ପୂଜା ଆରମ୍ଭ ହୋଇଛି। ମାତ୍ର କଣ୍ଟିଲୋ ପଞ୍ଚାୟତ ପାଣ୍ଡୁସାହୁପାଟଣା ଗ୍ରାମରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି ଦୀର୍ଘ ୫୧ ବର୍ଷ ହେବ। କୌଣସି ଏକ ଘଟଣା କ୍ରମେ ଜଣେ ସାଧୁଙ୍କ କଥାରେ ବିଶ୍ୱାସ କରି ଗ୍ରାମବାସୀ ଆରମ୍ଭ କରିଥିଲେ ବିଶ୍ୱ ଶାନ୍ତି ବୈଦିକ ମହାଯଜ୍ଞ। ଯଜ୍ଞର ପୂର୍ଣ୍ଣାହୁତି ପରେ ସାଧୁଙ୍କ କଥାର ସତ୍ୟତାର ପ୍ରମାଣ ଗ୍ରାମବାସୀଙ୍କୁ ମିଳି ଯାଇଥିଲା। ଏହି ବିଶ୍ୱାସ ଓ ଅନୁଭୂତିକୁ ଆଧାର କରି ସେହି ବର୍ଷଠାରୁ ଏହି ପରମ୍ପରା ଲାଗି ରହିଛି। ଏହି ଉପଲକ୍ଷେ ମଙ୍ଗଳବାର ଠାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ୮ ଦିନ ବ୍ୟାପୀ ଅନୁଷ୍ଠିତ ହେବ। ଏହି ପାରମ୍ପରିକ କାର୍ଯ୍ୟକ୍ରମକୁ ସ୍ଥାନୀୟ ପାଣ୍ଡୁସାହୁ ପାଟଣା, କୁଞ୍ଜବିହାରୀପୁର ପାଟଣା ଓ ନେହେରୁ ପାଟଣା ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଚାଲୁ ରହିଛି।

ସୂଚନାଯୋଗ୍ୟ, ୧୯୭୪ ମସିହାରେ ବର୍ଷାର ଅନିୟମିତତା ଦେଖା ଦେଇଥିବାରୁ ଚାଷୀଭାଇମାନେ ଫସଲ ହାନୀର ଆଶଙ୍କା କରି ମୁଣ୍ଡରେ ହାତ ଦେଇ ବସିଥିଲେ। ଚାଷୀମାନଙ୍କ ଏହି ଅଭାବନୀୟ ପରିସ୍ଥିତି ସମୟରେ ଉକ୍ତ ଗ୍ରାମରେ ଜଣେ ସାଧୁ ପହଞ୍ଚି ଠାକୁରାଣୀ ମା'ଦୁର୍ଗାଙ୍କ ଉପରେ ଭରସା କରି ଯଜ୍ଞ କର୍ମ ହିଁ ଚାଷୀମାନଙ୍କ ଦୁଃଖ ଦୂର କରିପାରିବ, ଏଥିପାଇଁ ଗ୍ରାମବାସୀ ଦଶହରାଠାରୁ ସପ୍ତାହ ବ୍ୟାପୀ ବିଶ୍ୱଶାନ୍ତି ବୈଦିକ ମହାଯଜ୍ଞ କର୍ମ, ଅଷ୍ଟ ପ୍ରହର ନାମଯଜ୍ଞ ଓ ବାଳଲୀଳା ଆଦି କରିବାକୁ ସାଧୁ ପରାମର୍ଶ ଦେଇଥିଲେ। ସାଧୁଙ୍କ ପରାମର୍ଶ କ୍ରମେ ଯଜ୍ଞକାର୍ଯ୍ୟ ସମ୍ପାଦନ ପରେ ଆକାଶରେ କଳା ବାଦଲ ଘୋଟି ଆସିବା ସହ ପ୍ରବଳ ବର୍ଷା ହୋଇଥିଲା। ଏହି ଅଲୌକିକ ଘଟଣା ପରେ ସେହି ବର୍ଷଠାରୁ ସ୍ଥାନୀୟ ଅଞ୍ଚଳବାସୀ ଯଜ୍ଞ ଓ ଧର୍ମକାର୍ଯ୍ୟ କରି ଆସୁଛନ୍ତି। ଅନୁଷ୍ଠାନର ସଭାପତି ସ୍ୱପ୍ନେଶ୍ୱର ସାହୁ, ଉପ ସଭାପତି ମାନଗୋବିନ୍ଦ ବେହେରା. ସମ୍ପାଦକ ବନମାଳୀ ସାହୁ ଏବଂ କୋଷାଧ୍ୟକ୍ଷ ବିଷ୍ଣୁ ପ୍ରସାଦ ମହାରଣା କୁହନ୍ତି, ଏହି ଧର୍ମ ଅନୁଷ୍ଠାନଟି ୫୧ବର୍ଷରେ ପାଦ ଦେଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟର ବହୁ ବୈଦିକ ବିଦ୍ୱାନ, ସାଧୁ ସନ୍ଥ, ସନ୍ୟାସୀ ଯୋଗଦେଇ ପ୍ରବଚନ ମାଧ୍ୟମରେ ହିନ୍ଦୁ ଧର୍ମ ଗ୍ରନ୍ଥ ବେଦର ନିଗୁଢ ତତ୍ତ୍ୱକୁ ଉପସ୍ଥାପନ କରିଥାଆନ୍ତି। ହୋମ ଯଜ୍ଞାଦି କର୍ମ ଯୋଗୁ ଏହାର ପ୍ରଭାବ ଆମ ସମାଜ ଓ ପରିବେଶ ଉପରେ ପଡୁଛି। ଛାତ୍ରୀ ଛାତ୍ରଙ୍କଠାରୁ ଆରମ୍ଭ କରି ପରିବାର ସଦସ୍ୟମାନେ ନିଜକୁ ଉଚିତ ମାର୍ଗରେ ଓ ଭବିଷ୍ୟତ ଗଠନ କରିବା ପାଇଁ ପ୍ରେରଣା ପାଉଛି ବୋଲି ସେମାନେ କହିଛନ୍ତି।

# ଶାରଦୀୟ ଦୁର୍ଗାପୂଜାରେ ଉତ୍ସବମୁଖର ଶରଣକୂଳ

ଶରଣକୁଳ,୧୦।୧୦(ଦୀପକ କର)



ଶରଣକୂଳରେ ପୂଜା ପାଉଥିବା ମା' ଦୁର୍ଗାଙ୍କ ପ୍ରତିମା।

ଶାରଦୀୟ ଦୁର୍ଗାପୂଜା ପାଇ ଶରଣକୁଳ ଲଡୁବାବାଙ୍କ କ୍ଷେତ୍ର ତଥା ଆଖପାଖ ଯଥା ଗୋଡିପଡା, ଡିମିଶର, ଗୋଡିପଲ୍ଲୀ ଇତ୍ୟାଦି ଅଞ୍ଚଳରେ ମା ଦୁର୍ଗାଙ୍କ ପୂଜା ପାଇଁ ହୋଇଉଠିଛି ଉତ୍ସବ ମୁଖର। ସୁଉଚ୍ଚ ତୋରଣ ସାଙ୍ଗକୁ ରଙ୍ଗବେରଙ୍ଗର ଅତ୍ୟାଧୁନିକ ବିଦ୍ୟୁତ୍ ଆଲୋକରେ ଝଲସୁଛି ଶରଣକୁଳର ଆଖପାଖ ଅଞ୍ଚଳ। ବିଭିନ୍ନ ପୂଜାମଣ୍ଡପରେ ମା'ଙ୍କ ଦର୍ଶନ ଓ ଆଶୀର୍ବାଦ ପ୍ରାପ୍ତି ପାଇଁ ଭକ୍ତମାନଙ୍କ ଲାଗିଛି ଲମ୍ବା ଧାଡି। ପ୍ରତି ବର୍ଷ ପରି ଚଳିତ ବର୍ଷ ଶରଣକୁଳ ଲଡୁକେଶ ବଣିକ ସଂଘ ପକ୍ଷରୁ ମା' ଦୁର୍ଗାଙ୍କ ପୂଜା ଅତି ଆଡମ୍ବରପୂର୍ଣ୍ଣ ସହକାରେ ପାଳନ କରାଯାଉଛି। ପ୍ରାରମ୍ଭିକ ସପ୍ତମୀ ପୂଜା ଅବସରରେ ମା' ଦୁର୍ଗାଙ୍କର ଦିବ୍ୟ ନେତ୍ର ଖୋଲିବା ପରେ ଜୀବନ୍ୟାସ ଦିଆଯାଇଥିଲା। ଏହି ପୂଜାରେ ଲଡୁବାବାଙ୍କ ମନ୍ଦିର ପୁରୋହିତ ତୋଷବନ୍ତ କର ଷୋଡଶ ଉପଚାରରେ ହୋମ କାର୍ଯ୍ୟ ସମ୍ପାଦନ କରିଥିଲେ ଏବଂ ବଣିକ ସଂଘ ଉପସଭାପତି ରମେଶ ଚନ୍ଦ୍ର ମହାପାତ୍ର ହୋମରେ କର୍ତ୍ତା ଭାବେ ଆହୂତୀ ପ୍ରଦାନ କରିଥିଲେ। ଚଳିତ ବର୍ଷ ୧୦ଫୁଟ ଉଚ୍ଚତା ବିଶିଷ୍ଟ ମା'ଦୁର୍ଗାଙ୍କ ଖୁବ ସୁନ୍ଦର ମୃଣ୍ମୟ ମୂର୍ତ୍ତିକୁ ବିଭିନ୍ନ କାରୁକାର୍ଯ୍ୟରେ ସୁସଜ୍ଜିତ କରାଯାଇଛି ଏବଂ ସୁଶୋଭିତ ମେଢ ଦେଖିବା ପାଇଁ ନିକଟବର୍ତ୍ତୀ ଗ୍ରାମର ବହୁ ଲୋକଙ୍କ ଭିଡ ଜମୁଛି। ସନ୍ଧ୍ୟାହେଲେ ଶରଣକୁଳ ବଜାରର ସାରା ଅଂଚଳ ଚିକମିକ ଆଲୋକରେ ଝଲସି ଉଠୁଛି। ଚଳିତ ବର୍ଷ ବଣିକ ସଂଘ ତରଫରୁ ଦୁର୍ଗା ପୂଜା ପାଇଁ ପ୍ରାୟ ୫ଲକ୍ଷ ଟଙ୍କା ଖର୍ଚ୍ଚ ହେବା ସହ ପ୍ରତିଦିନ ସନ୍ଧ୍ୟାରେ ବିଭିନ୍ନ ସାସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି । ମା'ଙ୍କ ପୂଜାରେ ବଣିକ ସଂଘର ସମସ୍ତ କର୍ମକର୍ତ୍ତା ତଥା ବଜାରର ସମସ୍ତ ବଣିକ ଭାଇମାନେ ପୂର୍ଣ୍ଣ ସହଯୋଗ କରୁଛନ୍ତି ବୋଲି ବଣିକ ସଂଘର ସଭାପତି ଦିଲ୍ଲୀପ କୁମାର ମିଶ୍ର ପ୍ରକାଶ କରିଛନ୍ତି। ପୂଜା ସମୟରେ ପ୍ରବଳ ଭିଡକୁ ଲକ୍ଷ୍ୟକରି ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଶରଣକୁଳ ପୁଲିସକୁ ବଣିକ ସଂଘ ତରଫରୁ ଲିଖିତ ଭାବେ ଅବଗତ କରାଯାଇଛି ବୋଲି ସମ୍ପାଦକ ନାରାୟଣ ସାହୁ କହିଛନ୍ତି।

